# ପିଲାଙ୍କ ଧରିତ୍ରୀ

ଶନିବାର, ୧୮ ଜାନୁୟାରୀ, ୨୦୨୦




ଆସ ଜାଣିବା ୩

୮ ଆଇନା

୭ ଜଣା -ଅଜଣା

କବିତା ୬





## ମତାମତ

“ପିଲାଙ୍କ ଧରିତ୍ରୀର ପୃଷ୍ଠା ୨ରେ ପ୍ରକାଶ ପାଇଥିବା ଜଳର ଶ୍ରେଷ୍ଠତା ବେଶ୍ ଶିକ୍ଷଣୀୟ ଥିଲା। ହସକଥା ପଢ଼ି ଖୁବ୍ ହସିଲି।

**- ସ୍ୱୟମ୍‌ଶ୍ରୀ ରଥ,** ଲଣ୍ଡେଇସାହି, ଗଞ୍ଜାମ

“ଆସ ଜାଣିବାରେ ପ୍ରକାଶିତ ଗିନିଜ୍ ୱାର୍ଲ୍ଡ ରେକର୍ଡ ମ୍ୟୁଜିୟମ୍ ସମ୍ପର୍କରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। କବିତା ସ୍ତମ୍ଭର ପ୍ରତିଟି କବିତା ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି।

**- ଜିମି ମିଶ୍ର,** ପ୍ରତାପନଗର, କଟକ

“ଚଗଲା ଭୀମୁରେ ପ୍ରକାଶ ପାଉଥିବା କାର୍ଟୁନ ମୋର ପସନ୍ଦ। ଆଇନା ପୃଷ୍ଠାରେ ସ୍ଥାନ ପାଉଥିବା ସମସ୍ତ ଫଟୋ ଖୁବ୍ ସୁନ୍ଦର ଲାଗେ।

**- ସୌମ୍ୟରଞ୍ଜନ ପଣ୍ଡା,** କ୍ରିଦାଶପୁର, ନୟାଗଡ଼

# ସଫା ମନ

ଗପ



ଗ୍ରୀସ୍‌ର ମହାନ୍ ଦାର୍ଶନିକ ସକ୍ରେଟିସ୍। ସେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସମାଲୋଚକ, ଶିକ୍ଷକ ଓ ଦାର୍ଶନିକ। ଜଣେ ବିଜ୍ଞବ୍ୟକ୍ତି ରୂପେ ସେ ବିଶ୍ୱବିଖ୍ୟାତ।

ତାଙ୍କ ପିଲାଦିନର ଏ ଘଟଣା। ସାଙ୍ଗ ସହ ସେ ଖେଳୁଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ସାଙ୍ଗ ଖରାପ ଭାଷା କହିଲା। ସକ୍ରେଟିସ୍ ମଧ୍ୟ ଖରାପ ଭାଷା ପ୍ରୟୋଗକଲେ। କେହି କାହାରିକୁ ଛାଡ଼ିଲେ ନାହିଁ। ସକ୍ରେଟିସ୍‌ଙ୍କ ମାଆ ଘର ଭିତରେ ଥାଇ ଏସବୁ ଶୁଣିପାରିଲେ। ସେ ସଙ୍ଗେ ସଙ୍ଗେ ବାହାରକୁ ଚାଲିଆସିଲେ। ସକ୍ରେଟିସ୍‌ଙ୍କୁ ଘର ଭିତରକୁ ନେଇଗଲେ। ପାଟିକୁ ପାଣିରେ ଭଲରେ ଧୋଇଦେଲେ। ଦାନ୍ତ ଓ ଜିଭକୁ ସଫା କରିଦେଲେ। କହିଲେ, “ଧନରେ, ଖରାପ ଭାଷା କହିବାରୁ ତୋ ପାଟିରେ ମଇଳା ପଶିଯାଇଥିଲା। ତେଣୁ ମୁଁ ତୋ ପାଟି ସଫା କରିଦେଲି। ସଫାକରି ନ ଥିଲେ ତୋ ପାଟିରୁ ଦୁର୍ଗନ୍ଧ ବାହାରିଥାଆନ୍ତା। ମନେରଖ, ଖରାପ କଥା କହିଲେ ପାଟି ଦୂଷିତ ହୁଏ। ମନରେ ମଇଳା ଜମିଯାଏ। ଶରୀରରେ ଯେପରି ମଇଳା ଜମିଲେ ଶରୀରରୁ ଦୁର୍ଗନ୍ଧ ବାହାରେ, ଠିକ୍ ସେହିପରି ମନ। ଶପଥ କର, ଆଜିଠାରୁ ଖରାପ ଭାଷା କହିବୁ ନାହିଁ। କହିଲେ ତୁ ଜଣେ ଖରାପ ପିଲା ହିସାବରେ ଗଣତି ହେବୁ। ସମସ୍ତେ ତୋଠାରୁ ଦୂରେଇଯିବେ। ତୋତେ ଘୃଣାକରିବେ। ଶରୀରକୁ ସଫା ରଖିବା ସହ ମନକୁ ସଫା ରଖିବା ନିହାତି ଦରକାର। ଖରାପ ଭାଷା କହି ମନକୁ ଦୂଷିତକଲେ ଶରୀର ଦୂଷିତ ହୁଏ।”

ବାଳକ ସକ୍ରେଟିସ୍ ବୁଝିଗଲେ। ଏଇଠି ଭଲ କାମ କରିବାର ମୂଳଦୁଆ ପଡ଼ିଲା। ତା’ପରେ ସେ ଚେତିଲେ, ଜାଗିଲେ, ଜାଗରଣ ଆଣିଲେ। ହୋଇଗଲେ ବିଶ୍ୱବିଖ୍ୟାତ ଦାର୍ଶନିକ।

ମାଆ ଶିଶୁର ପରାମର୍ଶଦାତା, ମାର୍ଗଦର୍ଶକ। ପ୍ରଥମ ଶିକ୍ଷା ତଥା ଦୀକ୍ଷା ଗୁରୁ। ଭଲ କାମ କରିବାର ପ୍ରଥମ ପ୍ରେରଣା ମାଆଙ୍କଠାରୁ ହିଁ ମିଳିଥାଏ।

**– ରବୀନ୍ଦ୍ର କୁମାର ବେହେରା,** ପ୍ରଧାନ ଶିକ୍ଷକ, ସରକାରୀ ଉ.ପ୍ରା. ବିଦ୍ୟାଳୟ, ସୂତାହାଟ, ବକ୍ସିବଜାର, କଟକ
ମୋ:୯୯୩୭୪୬୭୦୪୦

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com


## ଖିଲିଖିଲି ହସ

(ମା’–ଚିଣ୍ଟୁ ମଧ୍ୟରେ କଥାବାର୍ତ୍ତା)
ମା–ଆରେ ଚିଣ୍ଟୁ, ତୁ ତୋ ବାବାଙ୍କ ନାଆଁକୁ ଏ ବଲ୍ବ ଉପରେ କାହିଁକି ଲେଖୁଛୁ ?
ଚିଣ୍ଟୁ: ମୁଁ ମୋ ବାବାଙ୍କ ନାଆଁକୁ ଉଜ୍ଜ୍ୱଳ କରିବାକୁ ଚାହୁଁଛି ।

ଶିକ୍ଷକ: ରାଜୁ, ତୁମେ ଆଜି ହୋମୱାର୍କ କାହିଁକି କରିନ ?
ରାଜୁ: ସାର୍, ମୁଁ ତ ହଷ୍ଟେଲରେ ରହୁଛି,
ହୋମୱାର୍କ କେମିତି କରିବି ?

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପଚାରିଲେ–ଆଚ୍ଛା ପିଲାମାନେ କହିଲ କ୍ଷୀରକୁ ଅଧିକ ସମୟ କିପରି ରଖିହେବ ? ମଣ୍ଟୁ କହିଲା– ସାର୍, କ୍ଷୀରକୁ ପିଇଦେଲେ ଅଧିକ ସମୟ ପେଟରେ ରଖିହେବ।

## ବିନ୍ଦୁ ଯୋଡ଼




## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଗତାନୁଗତିକତାକୁ ନାପସନ୍ଦ

## ବିଚିତ୍ର ବୈଜ୍ଞାନିକ



ଇରଭିଂ ଲଙ୍ଗ୍‌ମୁଇର



ଆମେରିକୀୟ ରସାୟନ ବିଜ୍ଞାନୀ ଇରଭିଂ ଲଙ୍ଗ୍‌ମୁଇର ପୃଷ୍ଠସ୍ଥଳ ରସାୟନିକ ବିଜ୍ଞାନକୁ ତାଙ୍କର ଅବଦାନ ଲାଗି ୧୯୩୨ ମସିହାରେ ନୋବେଲ ପୁରସ୍କାର ଲାଭ କରିଥିଲେ। ତାଙ୍କ ମୁଖ୍ୟ ଗବେଷଣାଗାରର ବିଷୟବସ୍ତୁ ଥିଲା ଉତ୍ତପ୍ତ ଧାତୁର ପୃଷ୍ଠସ୍ଥଳ ଉପରେ ବାଷ୍ପର ପ୍ରଭାବ। ଏହା ବ୍ୟତୀତ ତାଙ୍କର ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ହେଲା ନିଷ୍କ୍ରିୟ ବାଷ୍ପଭରା ବିଦ୍ୟୁତ୍‌ବଲ୍‌ବ । ଆଗେ ଇଲେକ୍‌ଟ୍ରିକ୍ ବଲ୍‌ବର ଭିତରକୁ ସମ୍ପୂର୍ଣ୍ଣ ଶୂନ୍ୟ ରଖାଯାଉଥିଲା ଏବଂ ତନ୍ମଧ୍ୟରେ ଖଞ୍ଜିଦିଆଯାଉଥିଲା ଟଙ୍ଗ୍‌ଷ୍ଟେନ୍ ଧାତୁର ତାର। ବିଦ୍ୟୁତ୍ ପ୍ରଭାବ ହେତୁ ଉତ୍ତପ୍ତ ହେଲେ ସେଥିରୁ ଆଲୋକ ବାହାରୁଥିଲା। ତେବେ କାଳକ୍ରମେ ଏହି ଧାତବ ତାରଟିର କ୍ଷୟ ଘଟୁଥିଲା। ଲଙ୍ଗ୍‌ମୁଇର ଏଥିରେ ହିଲିୟମ ବା ନିୟନ୍ ଭଳି ନିଷ୍କ୍ରିୟ ବାଷ୍ପ ଭରି ପରୀକ୍ଷା କଲେ। ଏହାର ଉପସ୍ଥିତିରେ ଉତ୍ତପ୍ତ ଟଙ୍ଗ୍‌ଷ୍ଟେନ୍ ତାର କ୍ଷୟ ନ ହେବାର ଦେଖାଗଲା। ଅତଏବ ତାହା ଦୀର୍ଘସ୍ଥାୟୀ ହେଲା।

ଅଧିକାଂଶ ବୈଜ୍ଞାନିକଙ୍କ ଭଳି ଲଙ୍ଗ୍‌ମୁଇର ମଧ୍ୟ ଥିଲେ ଟିକେ ବିଚିତ୍ର ସ୍ୱଭାବର ଲୋକ। ପିଲାଙ୍କ ପ୍ରତି ତାଙ୍କର ଥିଲା ଅହେତୁକ ଶ୍ରଦ୍ଧା। ତେଣୁ ସୁଯୋଗ ପାଇଲା ମାତ୍ରେ ସେମାନେ ତାଙ୍କ ସହିତ ସମୟ କାଟିବାକୁ ଧାଇଁ ଆସୁଥିଲେ। ସେତେବେଳେ ସେମାନଙ୍କ ସହ ହସଖୁସି ଓ ମଜା କରିବା ସଙ୍ଗେ ସଙ୍ଗେ ହାତରେ ଯାହା ପଡୁଥିଲା ତାକୁ ଧରି କିଛି ନା କିଛି ବିଜ୍ଞାନଖେଳ ଦେଖାଉଥିଲେ। ତାହା ଛୋଟ ପଥର ଖଣ୍ଡଟିଏ ହୋଇଥିଲେ ତାକୁ ସୂତାଖଣ୍ଡରେ ଝୁଲାଇ ପିଲାଙ୍କୁ ପେଣ୍ଡୁଲମ୍ ବିଷୟରେ କହୁଥିଲେ । ସେହିପରି ଛୋଟ ବାଲ୍ଟିରେ ପାଣି ନେଇ ତାକୁ ତଳମୁହାଁ କରି ଖୁବ୍ ଜୋରରେ ଘୂରାଉଥିଲେ। କେଉଁ କେଉଁ ବଳ ଯୋଗୁ ତାହା ଢାଳି ହେଉ ନ ଥିଲା ସେକଥା ବୁଝାଉଥିଲେ। ଯଦି ତାଙ୍କ ପାଖକୁ ଖୁବ୍ ସାନ ପିଲାଟିଏ ଆସୁଥିଲା ସେ ତାକୁ କୋଳକୁ ଉଠାଇଦେଇ ଉପର ତଳ କରୁଥିଲେ ଏବଂ ତାହାର ତାଳେ ତାଳେ ଗୀତ ଗାଉଥିଲେ ।

ଥରେ ଲଙ୍ଗ୍‌ମୁଇର ୟୁରୋପ ଆସିଥାନ୍ତି ବିଭିନ୍ନ ସ୍ଥାନରେ ଭାଷଣ ଦେବାକୁ ନିମନ୍ତ୍ରଣ ପାଇ । ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟଠାରେ ଏକ କାର୍ଯ୍ୟକ୍ରମ ଚାଲିଥାଏ। ସେତେବେଳକୁ ସେ ତାଙ୍କର ମନ ମୁଗ୍ଧକର ଭାଷଣ ଲାଗି ପ୍ରସିଦ୍ଧି ଲାଭ କରିସାରିଥାନ୍ତି। ବିଜ୍ଞାନର ଅତ୍ୟନ୍ତ ଜଟିଳ ତଥ୍ୟକୁ ସେ ଅତି ଚମତ୍କାର ଭାବେ ମନଛୁଆଁ କରିପାରୁଥାନ୍ତି। ଏଣୁ ତାଙ୍କୁ ଶୁଣିବାକୁ ଆସିଥାନ୍ତି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି। ସେମାନଙ୍କ ମଧ୍ୟରେ ଥାନ୍ତି ସେଠାର ଆଭିଜାତ୍ୟ ଗୋଷ୍ଠୀ ଏବଂ ରାଜପରିବାରର ସଦସ୍ୟମାନେ। ଏଭଳି ଲୋକେ ସଭାରେ ଉପସ୍ଥିତ ରହିଲେ ପ୍ରତ୍ୟେକ ବକ୍ତାଙ୍କୁ ଭାଷଣ ପୂର୍ବରୁ ସେମାନଙ୍କୁ ସମ୍ମାନ ଜଣାଇ ପ୍ରତ୍ୟେକଙ୍କୁ ଜଣ ଜଣ କରି ସମ୍ବୋଧନ କରିବାକୁ ପଡୁଥିଲା। ଏହା ଥିଲା ସେଠାର ସେତେବେଳର ଗତାନୁଗତିକତା। ତେବେ ଏପରି କରିବା କୌଣସି ବୁଦ୍ଧିଜୀବୀ ବକ୍ତାଙ୍କ ପସନ୍ଦ ନ ଥିଲା । କେବଳ ବାଧ୍ୟବାଧକତାରେ ସେମାନେ ତାହା କରୁଥିଲେ । ହେଲେ ଲଙ୍ଗ୍‌ମୁଇର ଥିଲେ ଜଣେ ଅଲଗା ପ୍ରକାରର ଲୋକ। ଅଧିକାଂଶ ବୈଜ୍ଞାନିକଙ୍କ ଭଳି ସେ ଯାହା ଠିକ୍ ମନେକରୁଥିଲେ ତାହା କରୁଥିଲେ । ଗତାନୁଗତିକତା ନାଁରେ କାହାରିକୁ ଏତେ ଅଯଥା ସମ୍ମାନ ଦେବା ତାଙ୍କର ପସନ୍ଦ ନ ଥିଲା। ଏଣୁ ଯେତେବେଳେ ତାଙ୍କର କହିବା ପାଳି ପଡ଼ିଲା, ସେ କାହାରିକୁ ସେପରି ସମ୍ବୋଧନ ନ କରି ସିଧାସଳଖ କହିବାକୁ ଆରମ୍ଭ କରିଦେଲେ। ତାଙ୍କ ନୂତନ ପ୍ରକାର ବିଦ୍ୟୁତ୍ ବଲ୍‌ବ ଆବିଷ୍କାର କଥା– "ଯଦି ତୁମେ ଖଣ୍ଡିଏ ଟଙ୍ଗ୍‌ଷ୍ଟେନ୍ ତାର ନିଅ ଏବଂ...।"

ତାଙ୍କର ଏପରି ଭାଷଣ ଆରମ୍ଭ କରିବା ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କର ଭାରି ପସନ୍ଦ ହେଲା । ଏଣୁ ତାଙ୍କ ବକ୍ତବ୍ୟ ଶେଷ କରିବା ଆଗରୁ ଆରମ୍ଭ ହୋଇଗଲା ତାଳିମାଡ଼ । ତାହା ଏତେ ପ୍ରବଳ ହେଲା ଯେ ଅନେକ ସମୟ ଧରି ସେ କ'ଣ କହୁଛନ୍ତି ତାହା କାହାରିକୁ ଶୁଭିଲା ନାହିଁ । ହେଲେ ଲଙ୍ଗ୍‌ମୁଇରଙ୍କୁ ଏହା ଭାରି ଭଲ ଲାଗିଲା। ଏଣୁ ୟୁରୋପ ଗସ୍ତର ଅବଶିଷ୍ଟ ସମସ୍ତ ସଭାରେ ସେ ଏହିଭଳି ଗତାନୁଗତିକତାକୁ ବାଦ୍ ଦେଇ ଭାଷଣମାନ ଦେବାକୁ ଲାଗିଲେ। କ୍ରମେ ଅନ୍ୟ ବୈଜ୍ଞାନିକ ଓ ବୃଦ୍ଧିଜୀବୀ ତାଙ୍କୁ ଅନୁସରଣ କଲେ ।

**–ପ୍ର. ରମେଶ ଚନ୍ଦ୍ର ପରିଡ଼ା**
*ଉଷା ନିବାସ, ଖଣ୍ଡଗିରି, ଭୁବନେଶ୍ୱର*
*ମୋ: ୯୯୩୭୯୮୫୭୬୭*







ପିଲାମାନଙ୍କ ମନୋରଞ୍ଜନ ତଥା ଜ୍ଞାନ ବୃଦ୍ଧି ପାଇଁ ଅନେକ ପ୍ରକାର ମ୍ୟୁଜିୟମ୍ ନିର୍ମାଣ କରାଯାଇଛି। ଯେଉଁଠାରେ ସେମାନେ ବିଭିନ୍ନ ବିଷୟବସ୍ତୁ ଉପରେ ସବିଶେଷ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥାନ୍ତି। ସେହିଭଳି ଏକ ତଥ୍ୟଗତ ମ୍ୟୁଜିୟମ୍ ରହିଛି ତାଇପେଇ ଠାରେ। ଯାହାର ନାଁ ହେଉଛି ଆଷ୍ଟ୍ରୋନୋମିକାଲ ମ୍ୟୁଜିୟମ। ଏହି ମ୍ୟୁଜିୟମରେ ପିଲାମାନେ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଅନେକ ମଡେଲ ତଥା ତଥ୍ୟ ଜାଣିବାର ସୁଯୋଗ ପା'ନ୍ତି। ଏଠାରେ ମହାକାଶର ବିଶାଳ ମଡେଲ, ବିଭିନ୍ନ ଗ୍ରହ, ନକ୍ଷତ୍ରର ଚିତ୍ର, ଭିଡିଓ, ମହାକାଶଚାରୀଙ୍କ ପୋଷାକ ଆଦିକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥାଏ।

# ଆଷ୍ଟ୍ରୋନୋମିକାଲ ମ୍ୟୁଜିୟମ୍

କେବଳ ସେତିକି ନୁହେଁ ଏଠାରେ ପରିଦର୍ଶକମାନେ ମହାକାଶର ଇତିହାସ, ବ୍ରହ୍ମାଣ୍ଡର ସୃଷ୍ଟି ଆଦି ବିଷୟରେ ପଢିବା, ଚିତ୍ର ଏବଂ ଭିଡିଓ ମାଧ୍ୟମରେ ଦେଖିବାର ସୁଯୋଗ ପାଇଥାନ୍ତି। ପିଲାମାନେ ଏଠାରେ ମହାକାଶଚାରୀଙ୍କ ପୋଷାକ ପିନ୍ଧି ଫଟୋ ଉଠେଇବା ସହ ମହାକାଶ ଯାନରେ ବସି ସେଲଫି ନେବାର ମଜା ମଧ୍ୟ ନେଇଥାନ୍ତି।

## ଆ ସ ଜାଣିବା






୧


୨


୩



୪


୫


୬


୭


୮


୯


୧୦

୧

ପି.ସି ବାଦଲ କୁମାର
କ୍ଲାସ-୪,
ଭେଙ୍କଟେଶ୍ୱର ସ୍କୁଲ,
ଜାରକା,
ଯାଜପୁର

୨

ଅଙ୍କିତ ଶୁଭ୍ରଜିତ୍ ସାହୁ
କ୍ଲାସ-୬,
ଓଡିଶା ଆଦର୍ଶ ବିଦ୍ୟାଳୟ,
ଜଲେଶପଟା
ତୁମୁଡିବନ୍ଧ, କନ୍ଧମାଳ

୩

ସୋନାଲିକା ପାତ୍ର
କ୍ଲାସ-୪,
ଗାୟତ୍ରୀ ସ୍ମାର୍ଟସ୍କୁଲ,
ଭୁବନେଶ୍ୱର

୪

ସଚିନ୍ ସେଠ
କ୍ଲାସ - ୭, ବାଘମୁଣ୍ଡ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ,
ବଲାଙ୍ଗୀର

୫

ରୁଦ୍ରପ୍ରସାଦ ବେହେରା
କ୍ଲାସ-୧୦,
ଗୋପବନ୍ଧୁ ହାଇସ୍କୁଲ,
ପୋଲସରା,
ଗଞ୍ଜାମ

୬

ବିଭୁ ପ୍ରସାଦ ସାମଲ
କ୍ଲାସ-୩,
କେନ୍ଦ୍ରୀୟ ବିଦ୍ୟାଳୟ,
ବରଗଡ

୭

କୌସ୍ତୁଭ ରଥ
କ୍ଲାସ-୨,
ଲୟୋଲା ସ୍କୁଲ,
ଭୁବନେଶ୍ୱର

୮

ସାକ୍ଷୀ ପ୍ରିୟଦର୍ଶିନୀ
କ୍ଲାସ-୩,
ବିଜେଇଏମ୍ ସ୍କୁଲ,
ଭୁବନେଶ୍ୱର

୯

ଅନ୍ୱେଷା ବିନ୍ଧାଣୀ
କ୍ଲାସ-୩,
କେନ୍ଦ୍ରୀୟ ବିଦ୍ୟାଳୟ,
ବ୍ରହ୍ମପୁର

୧୦

ଶୈଳୀ ସ୍ୱସ୍ତିକା ମହାପାତ୍ର
କ୍ଲାସ-୩,
ହାଇଟେକ୍ ପବ୍ଲିକ୍ ସ୍କୁଲ,
ଭୁବନେଶ୍ୱର

# ସ୍ୱାଗତଂ ନବବର୍ଷ

ଆସିଯାଇଅଛି ନୂଆ ବରଷ
କରୁଛି ତୁମ୍ଭକୁ ଜୁହାର
ଶୁଭ ଲଗନରେ ଆଗମନ କରି
ଧରାଧାମେ କର ବିହାର।
ଊନବିଂଶ ବର୍ଷ କଳୁଷ କାଳିମା
ବିଶ୍ୱ ପ୍ରାଣୁ ଦିଅ ଦୂରେଇ,
ହେ ବିଂଶ ବରଷ ହୁଅ ମଧୁମୟ
ବିଶ୍ୱ ଶାନ୍ତି ଦିଅ ଫେରେଇ।
ଦୂର କରିଦିଅ ଯୁଦ୍ଧ ବିଭୀଷିକା
ଧରାଧାମ ହେଉ ଉଶ୍ୱାସ,
ମିଥ୍ୟା, କପଟତା ଦୂର କରିଦିଅ
ଭରିଦିଅ ମନେ ବିଶ୍ୱାସ।
ସନ୍ତ୍ରାସବାଦ, ସାମ୍ପ୍ରଦାୟିକତା
ଅତ୍ୟାଚାର କର ବିଲୋପ,
ସବୁରି ହୃଦୟେ ଫୁଟାଇ ଦିଅ ହେ
ବିଶ୍ୱ ଭ୍ରାତୃତ୍ୱର ଗୋଲାପ।
କ୍ଷୁଧା, ତୃଷା, ବ୍ୟାଧି, ଦୁଃଖ, ଦୁର୍ଦ୍ଦଶାର
କର ହେ ଆଶୁ ଅବସାନ,
ଜନନୀ, ଭଗିନୀ, ସ୍ନେହ ସୋହାଗିନୀ
ନାରୀଟିଏ ପାଉ ସମ୍ମାନ।
ସ୍ନେହ ସୁଧାଭରା ସ୍ୱର୍ଗୀୟ ସୁଖରେ
ସମସ୍ତଙ୍କୁ ଦିଅ ହରଷ,
କଲ୍ୟାଣମୟ ଶୁଭଙ୍କର ହୁଅ
ଦ୍ୱି ସସ୍ର ବିଂଶ ବରଷ।

– **ମାଧବୀଲତା ଦେଈ,** *ପ୍ରଧାନଶିକ୍ଷୟିତ୍ରୀ,*
*ଶ୍ରୀମୁଖ, ନିମାପଡ଼ା, ପୁରୀ*
*ମୋ: ୯୭୯୨୪୮୩୩୭୭*



# ବୁଲିଯିବା ଫୁଲବଗିଚା

କି ସୁନ୍ଦର ଧରା କି ସୁନ୍ଦର ଖରା
କି ସୁନ୍ଦର ଘାସ ଗାଲିଚା
ଆସ କୁନାକୁନି ଆସ ମୁନାମୁନି
ବୁଲିଯିବା ଫୁଲବଗିଚା ।
ବଗିଚା ଭିତରେ ରଙ୍ଗବେରଙ୍ଗର
ନାନା ଜାତି ଫୁଲ ଫୁଟିଛି
ଫୁଲର ମହକ ଦିଗ ବିଦିଗରେ
ପବନ ସୁଅରେ ଛୁଟିଛି ।
ଜୁଇ,ଜାଇ,ହେନା,ଗୋଲାପ,ଟଗର
ପେଣ୍ଠାପେଣ୍ଠା ଦେଖ ଡାଳରେ
କେତେ ମହୁମାଛି ଉଡିବୁଲୁଛନ୍ତି
ମଧୁ ସଂଗ୍ରହର ଆଳରେ ।
ଗୁଣୁଗୁଣୁ ଗୀତ ଶୁଣେଇ ଶୁଣେଇ
ଉଡିବୁଲେ କଳା ଭଅଁର
ରଙ୍ଗିନ୍ ଡେଣାକୁ ହଲେଇ ହଲେଇ
ପ୍ରଜାପତି ଉଡେ ସଅଳ ।
ତୋଳିବାନି ଫୁଲ ଦେଖିବା କେବଳ
ଭାଙ୍ଗିବାନି ଡାଳପତର
ବଗିଚାର ଶୋଭା ଉପଭୋଗକରି
ଆନନ୍ଦ ଲଭିବା ଅପାର ।
ଦେଖି ଖୁସିମନେ ଫେରିଲେ ସଭିଏଁ
ଗୁରୁଜୀ କହିଲେ ପିଲାଏ
ଫୁଲର ମହତ ଗୁଣ ଅଛି ଯେତେ
ଆଦରେ ରଖିବ ହୃଦୟେ ।
ଟିକିଟିକି ଫୁଲ ପରି ତୁମେମାନେ
ଏ ଦେଶର ଟିକି କଳିକା
କୁନିକୁନି ଓଠେ ହସୁଥାଅ ସଦା
ସକାଳର ଫୁଲ ପରିକା ।

**–ଶରତ ଚନ୍ଦ୍ର ଜାଲି,** *ସହକାରୀ ଶିକ୍ଷକ*
*ବାଳିକା ଉଚ୍ଚ ବିଦ୍ୟାଳୟ,କୋଦଳା,ଗଞ୍ଜାମ*
*ମୋ:୮୨୪୯୫୩୪୨୭୪*

କ
ବି
ତା



# କମ୍ବଳ ରେଜେଇ

କମ୍ବଳ, ରେଜେଇ, ଶାଲ, ସୁଇଟର
ମନେ ମନେ ଖୁସି ହୋଇ,
ଏତେ ଦିନେ ଶୀତ ମାଉସୀ ଆସିଛି
ଆମକୁ ଦେଖିବା ପାଇଁ।
ପେଡି ପୁଟୁଳାରେ ପଶି ପଶି ଆମେ
ପାଉଥିଲୁ ଦୁଃଖ କେତେ,
ଧନୁମୁଆଁ ଆଣି ମାଉସୀ ଆସିଛି
ଭାରି ଭଲ ଲାଗେ ସତେ।
ଶୀତ ବିନା ନାହିଁ ଆମର ଆଦର
ପେଡିରେ ପଶଇ ମୂଷା,
କାଟଇ ଆମକୁ ଟିକିଟିକି କରି
ହେଉ ଆମେ ଲୋକହସା।
ଆମର ନିର୍ମାତା ପାଆନ୍ତିନି କାମ
ଦୁଃଖରେ ବିତାନ୍ତି ଦିନ,
ପରିବେଶ ସତେ ଅକାଳ ହେଲାଣି
କେହି ଦିଅନ୍ତିନି ଧ୍ୟାନ।
ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶୀତ
ଆସୁନି ଧରାକୁ ଆଉ,
ଋତୁଚକ୍ର ସତେ ବିଗିଡ଼ି ଗଲାଣି
ଖରା ଦେଖାଉଛି ଭାଉ।
ଯାହା ପାଇଁ ଆମ ଆଦର ଏଇଠି
ସିଏ ଆଜି ବିପଦରେ,
ତାପମାତ୍ରା ବଢେ ଶୀତ କମିଯାଏ
ଧରା ବିଷ ବଳୟରେ।
ଚେତନା ପଶୁନି ମଣିଷ ମନରେ
କାହାକୁ କହିବା ଆଉ,
ଗରମ ପୋଷାକ ରହିବକି ନାହିଁ
ଦୁଃଖ ବଢେ ଚାହୁଁ ଚାହୁଁ।

**–ଅରୂପ କୁମାର ବିଶ୍ୱାଳ**
*ସହକାରୀ ଶିକ୍ଷକ*
*ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ,*
*ପାରାଦୀପ, ମୋ:୯୦୪୦୮୭୦୧୦୦*

## ଆଗଥରର ଉତ୍ତର

- ✲ ଚାର୍ଲସ୍ ବାବେଜ୍
- ✲ ରାଇଟ ବ୍ରଦର୍ସ
- ✲ ମାର୍ଟିନ କୋପର
- ✲ ଗୁଟେନବର୍ଗ
- ✲ ଆର୍କିମିଡିସ୍

## ଏଥର ପ୍ରଶ୍ନ

### କେଉଁଟି ଅଲଗା ?

- ★ କ୍ଷୀର, ଛେନା, ଦହି, ଘିଅ, ଲହୁଣି
- ★ ପିଆନୋ, ଗିଟାର, ତବଲା, ହ୍ୱିସିଲ, ବୀଣା
- ★ ଖେଳିବା, ପହଁରିବା, ଶୁଣିବା, ନାଚିବା, ଦୌଡିବା
- ★ ଜୁନ, ମେ, ଅଗଷ୍ଟ, ଡିସେମ୍ବର, ମାର୍ଚ୍ଚ
- ★ ପିଆଜ, ଅଦା, ରସୁଣ, ଆଳୁ, ଜିରା



ପାର୍ଥକ୍ୟ ଦର୍ଶାଅ



# ବୈଜ୍ଞାନିକ ହେବାକୁ ଇଚ୍ଛା ରଖିଛି



ଶିଶୁ ପ୍ରତିଭା

ଶ୍ରୀକ୍ରିଷ୍ଣ ମହାପାତ୍ର

ଆଗ୍ରହ ଥିଲେ ଉପାୟ ବଳେ ବଳେ ଆସେ। ବିଜ୍ଞାନଭିତ୍ତିକ ଜିନିଷ ଜାଣିବାକୁ ତାଙ୍କର ପିଲାଦିନରୁ ଇଚ୍ଛା ଥିଲା। ଆଉ ଏପରି ଗୁଣକୁ ପ୍ରୋତ୍ସାହିତ କରିଥିଲେ ତାଙ୍କର ପିତା । ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲିଥିବା ଏହି ପ୍ରତିଭା ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଆଶା ରଖିଛନ୍ତି। ସେ ହେଲେ ଶ୍ରୀକ୍ରିଷ୍ଣ ମହାପାତ୍ର। ଭୁବନେଶ୍ୱରରେ ଜନ୍ମିତ ଶ୍ରୀକ୍ରିଷ୍ଣ ବର୍ତ୍ତମାନ ଚନ୍ଦ୍ରଶେଖରପୁରରେ ଥିବା ଇନସ୍ୱାୟାର୍ଡ ପବ୍ଲିକ ସ୍କୁଲର କ୍ଲାସ-୮ରେ ଅଧ୍ୟୟନରତ। ଇତି ମଧ୍ୟରେ ନିଜ ସ୍କୁଲରେ ନିଜକୁ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ କରାଇ ସାଉଁଟିଛନ୍ତି ଅନେକ ପ୍ରଶଂସା। ଶ୍ରୀକ୍ରିଷ୍ଣଙ୍କର ସକାଳ ଆରମ୍ଭ ହୁଏ ସାଇକେଲିଂରୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ସେ ସାଇକେଲ ଚଲାଇ ଥାଆନ୍ତି। ତା'ସହ ଡ୍ୟାନ୍ସ ଏବଂ ଟେବୁଲ ଟେନିସ ଖେଳିବାରେ ରୁଚି ମଧ୍ୟ ରଖନ୍ତି। ସ୍କୁଲରେ ଆୟୋଜିତ ମ୍ୟାଥ୍ ଏବଂ ସାଇନ୍ସ ଅଲିମ୍ପିୟାଡରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି ସେ। ନିଜ ସମ୍ପର୍କରେ ଶ୍ରୀକ୍ରିଷ୍ଣ କହନ୍ତି, 'ମୁଁ ପ୍ରତିଦିନ କ'ଣ କରିବି ସେ ନେଇ ପୂର୍ବଦିନ ଟାଇମଟେବୁଲ ପ୍ରସ୍ତୁତ କରିନିଏ। ଅନ୍ୟକ୍ଷେତ୍ରରେ ନିଜର ଦକ୍ଷତା ପାଇଁ ଅଭ୍ୟାସ ଜାରି ରଖିଥିଲେ ମଧ୍ୟ ପାଠପଢ଼ାକୁ କେବେ ମୁଁ ଅବହେଳା କରିନାହିଁ। ମୋର ପ୍ରତିଟି କ୍ଷେତ୍ରରେ ଛାଇ ପରି ଠିଆ ହୋଇଛନ୍ତି ମୋ ବାପା ତଥା ମହର୍ଷି କଲେଜର ରସାୟନ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ମୁକୁନ୍ଦ ମହାପାତ୍ର ଏବଂ ମା' ଅମିତା ମିଶ୍ର।' ଏହାସହ ପ୍ରତିଦିନ ଦୈନିକ ଓଡ଼ିଆ ଏବଂ ଇଂଲିଶ ଖବରକାଗଜ ପଢ଼ିବା ତାଙ୍କର ଅନ୍ୟତମ ଅଭ୍ୟାସ।

# ଜଣା ଅଜଣା



✲ କୋରିଆ ଏବଂ ଜାପାନରେ ଏପରି  ଏକ କାଫେ ରହିଛି ଯେଉଁଠାରେ ଲୋକେ ବିଲେଇମାନଙ୍କ ସହ ଚା ବା କଫିର ମଜା ନେଇପାରିବେ।

✲ ଷ୍ଟାରଫିସ୍‌ର ମସ୍ତିଷ୍କ ନ ଥାଏ। ଏମାନେ ନିଜ ଚର୍ମ ଦ୍ୱାରା ଆଖପାଖର ଅବସ୍ଥା ସମ୍ପର୍କରେ ସୂଚନା ପାଇଥାନ୍ତି।




✲ ଆଫ୍ରିକାରେ ବାସ କରୁଥିବା 'ମୁର୍ସି' ନାମକ ଆଦିମ ଜନଜାତିର ମହିଳାମାନେ ୫ ଇଞ୍ଚ ଗୋଲେଇର ଏକ ପ୍ଲେଟ ପାଟିରେ ପରିଧାନ କରିଥାନ୍ତି। ଏହା ସେମାନଙ୍କ ପରମ୍ପରାର ଏକ ଅଂଶ ବିଶେଷ।



✲ ଆମେରିକାର ଲସ୍ ଏଞ୍ଜେଲେସ୍‌ରେ ଜନସଂଖ୍ୟାଠାରୁ କାର ସଂଖ୍ୟା ଅଧିକ।



✲ କିଛି ଗୋଲ୍ଡଫିସ୍ ପ୍ରଜାତି ମାଛର ଆଖିର ଆକାର ଏହାର ପାକସ୍ଥଳୀଠାରୁ ମଧ୍ୟ ବଡ।



✲ ଚକୋଲେଟର ବାସ୍ନା ମସ୍ତିଷ୍କରେ ଏଭଳି ତରଙ୍ଗ ସୃଷ୍ଟି କରେ ଯାହା ମନକୁ କ୍ଳାନ୍ତି ଦୂର କରିବାରେ ସହାୟକ ହୋଇଥାଏ।



ମହେଶ୍ୱତା
୫ ବର୍ଷ



# ଆ ଇ ନା

ଶ୍ରେୟା
୫ ବର୍ଷ



ଖୁସି
୬ ବର୍ଷ

